# ନବୀନଙ୍କୁ ୭୫

## ସବୁଠି ସଫଳ ନବୀନ

ବିଜୁ ପଟ୍ଟନାୟକଙ୍କ ରାଜନୀତି ବିଫଳତା ଯେମିତି ରହସ୍ୟଜନକ ନବୀନ ପଟ୍ଟନାୟକଙ୍କ ସଫଳତା ମଧ୍ୟ ସେହିପରି ରହସ୍ୟମୟ। ଜଣେ ବାପା, ଆରକ ପୁଅ। ତେବେ ଯାହା କୁହାଯାଏ ବାପ୍ ସେ ବେଟା ଯ୍ୟାଦା, ଏ ବାପପୁଅଙ୍କ କ୍ଷେତ୍ରରେ ତାହା ଶତ ପ୍ରତିଶତ ସତ ହୋଇଛି- ନବୀନବାବୁଙ୍କ ସଫଳତା ତାଙ୍କ ବିଜୁ ପଟ୍ଟନାୟକଙ୍କ ସଫଳତାକୁ କାହିଁ କେତେ ଗୁଣରେ ଟପି ଯାଇଛି। ତେବେ, ଏହା କାହାକୁ ଆଉ ବୁଝେଇବା ଦରକାର ନାହିଁ ଯେ ଓଡ଼ିଶା ରାଜନୀତିରେ ନବୀନ ପଟ୍ଟନାୟକ ହେଉଛନ୍ତି ସବୁଠୁ ସଫଳ ରାଜନେତା। ରାଜନୀତିକୁ ଆସିବା ଆଗରୁ 'ଏ ସେକେଣ୍ଡ ପାରାଡାଇଜ୍', 'ଏ ଡେଜର୍ଟ କିଙ୍ଗଡମ୍' ଓ 'ଦ ଗାର୍ଡ଼େନ ଅଫ୍ ଲାଇଫ୍' ଭଳି ତିନିଟି ବହି ଲେଖିଥିଲେ। ବିଜୁଙ୍କ ଦେହାନ୍ତ ପରେ ୨୦୦୦ ବିଧାନସଭା ନିର୍ବାଚନ ପରେ ସେ ବିଜେଡି-ବିଜେପି ମେଣ୍ଟର ନେତା ଭାବେ ମାର୍ଚ୍ଚ ୫ ତାରିଖରେ ବିଜୁବାବୁଙ୍କ ଜୟନ୍ତୀରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେହି ଦିନଠାରୁ ସେ କ୍ରମାଗତ ପଞ୍ଚମ ଥର ପାଇଁ ଏହି ପଦରେ ରହିଛନ୍ତି। ଏହା ମଧ୍ୟ ଅନ୍ୟ ଏକ ରେକର୍ଡ। ପଶ୍ଚିମ ବଙ୍ଗର ଜ୍ୟୋତି ବସୁ ଓ ସିକ୍କିମର ପବନ ଚାମଲିଙ୍ଗଙ୍କ ପରେ ନବୀନବାବୁ ହେଉଛନ୍ତି ଦେଶର ତୃତୀୟ ମୁଖ୍ୟମନ୍ତ୍ରୀ ଯିଏ କି କ୍ରମାଗତ ପାଞ୍ଚଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ନବୀନଙ୍କ ଲାଇଫ ଷ୍ଟାଇଲ ଓ ଜନହିତକର ଯୋଜନା ତାଙ୍କୁ ସଫଳତାକୁ ଧରି ରଖିବାରେ ସହାୟକ ହେଉଛି।

## ନବୀନଙ୍କ ୫୦ ଯୋଜନା

ରାଜ୍ୟବାସୀଙ୍କ ମନ ଜିଣିବା କଳା ବେଶ ଭଲଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଜଣା। ନବୀନ ସବୁ ମହଲର ଲୋକଙ୍କ ମନ ଜିଣିବାକୁ ଚେଷ୍ଟା କରି ସଫଳ ହୋଇଛନ୍ତି ଓ ସେଇଥିପାଇଁ ସେ ପାଞ୍ଚମ ଥର ଲାଗି କ୍ରମାଗତ ଶାସନ କରିଚାଲିଛନ୍ତି ଓ ଏହି ସଫଳତାର ମୂଳ କାରଣ ହେଉଛି, ନୂଆ ଯୋଜନା ଘୋଷଣା ଓ ସରକାରୀ ରିପୋର୍ଟ ଅନୁସାରେ ନବୀନ ବର୍ତ୍ତମାନ ସୁଦ୍ଧା ୫୦ରୁ ଅଧିକ ଜନହିତକାରୀ ଯୋଜନା କାର୍ଯ୍ୟକାରୀ କରିଛନ୍ତି ଓ ସେଥିରେ କାଳିଆ, ମମତା, ଖୁସି, ପିଠା, ସବଳ,ସହାୟ, ନିଦାନ, ବାଧୁନ୍ଧରଓ, ବିଜୁ ସେତୁ ଭଳି ଅନେକ ଓ ବିଜୁବାବୁଙ୍କ ନାମରେ ୧୧ଟି ଯୋଜନାର କରିଛନ୍ତି। ୧- ବିଜୁ ସେତୁ ଯୋଜନା, ୨- ବିଜୁ ପକ୍କାଘର ଯୋଜନା, ୩- ବିଜୁ କୃଷକ କଲ୍ୟାଣ ଯୋଜନା, ୪- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ୫- ବିଜୁ ଯୁବ ବାହିନୀ, ୬- ବିଜୁ କନ୍ୟାରତ୍ନ ଯୋଜନା, ୭- ବିଜୁ ଶିଶୁ ସୁରକ୍ଷା ଯୋଜନା, ୮- ବିଜୁ ସଡକ ଯୋଜନା, ୯- ବିଜୁ ସହରାଞ୍ଚଳ ବିଦ୍ୟୁତକରଣ ଯୋଜନା, ୧୦- ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା, ୧୧- ବିଜୁ ଗାଡି ଚାଳକ ବୀମା ଯୋଜନା, ୧୨- ମୁଖ୍ୟମନ୍ତ୍ରୀ କୃଷକ ଉଦ୍ୟୋଗ ଯୋଜନା, ୧୩- ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପୁରସ୍କାର ଯୋଜନା, ୧୪- ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ଯୋଜନା, ୧୫- ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ, ୧୬- ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା, ୧୭- ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ଯୋଜନା, ୧୮- ମଧୁବାବୁ ପେନସନ ଯୋଜନା, ୧୯- ହରିଶ୍ଚନ୍ଦ୍ର ଯୋଜନା, ୨୦- ମମତା ଯୋଜନା, ୨୧- କାଳିଆ ଯୋଜନା, ୨୨- ଖୁସି ଯୋଜନା, ୨୩- ପିଠା ଯୋଜନା, ୨୪- ନିରାମୟ ଯୋଜନା, ୨୫- ଆହାର ଯୋଜନା, ୨୬- ସବଳ ଯୋଜନା, ୨୭- କିଶୋରୀ ଶକ୍ତି ଯୋଜନା, ୨୮- ଆକାଂକ୍ଷା ଯୋଜନା, ୨୯- ଅନ୍ୱେଷା ଯୋଜନା, ୩୦- ବସୁନ୍ଧରା ଯୋଜନା, ୩୧- ମିଶନ ଶକ୍ତି, ୩୨- ସୁଦକ୍ଷା ଯୋଜନା, ୩୩- ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା, ୩୪- ଓଡିଶା ମାଛ ପୋଖରୀ ଯୋଜନା, ୩୫- ବରିଷ୍ଠ ବୁଣାକାର ସହାୟକ ଯୋଜନା, ୩୬- ମହାପ୍ରୟାଣ ଯୋଜନା, ୩୭- ଓଡିଶା ସ୍ମାର୍ଟ ଫୋନ ଯୋଜନା, ୩୮- ମତ୍ସ୍ୟଜୀବୀ ବାସଗୃହ ଯୋଜନା, ୩୯- ମତ୍ସ୍ୟଜୀବୀ ଉନ୍ନୟନ ଯୋଜନା, ୪୦- ବସୁଧା ଯୋଜନା, ୪୧- କୃଷି ଯୋଜନା, ୪୨- ନିଦାନ ଯୋଜନା, ୪୩- ସହାୟ ଯୋଜନା, ୪୪- ଆମ କ୍ଲିନିକ ଯୋଜନା, ୪୫- ଅନମୋଲ ଯୋଜନା, ୪୬- ସ୍ୱକ୍ଷମ ଯୋଜନା। ଏସବୁ ପରେ ବି ଅନେକ ଯାଜନା ପଞ୍ଚମ ପାଳିରେ ଯୋଡି ନବୀନ ପଟ୍ଟନାୟକ : ବିଶ୍ୱାସ, ବିକାଶ, ବିଜୟ ଓ ବିଚକ୍ଷଣ ନବୀନ ପଟ୍ଟନାୟକ, ଲଗାତର ୫ ଟର୍ମର ମୁଖ୍ୟମନ୍ତ୍ରୀ । ସେ ଓଡ଼ିଶାର ବିକାଶରେ ଗୁରୁତ୍ୱ ଦେଇ ଜିଣିଛନ୍ତି ଓଡିଆଙ୍କ ବିଶ୍ୱାସ। ନିର୍ବାଚନ ଗଣିତରେ ନବୀନ ଜ୍ୟାଣ୍ଟ୍ କିଲର । କୌଣସି ବି ସରକାର ବିରୋଧୀ ହାୱା ନବୀନଙ୍କ ବିରୋଧରେ କାଟୁ କରୁନି। ପଞ୍ଚାୟତ ନିର୍ବାଚନରୁ ଆରମ୍ଭ କରି ବିଧାନସଭା ଓ ଲୋକସଭା ସବୁଥିରେ ବିଜେଡିର ବାଜିମାତ୍ ବିରୋଧୀଙ୍କୁ ନିରାଶ କରିଛି । ସବୁ ନିର୍ବାଚନ ଫଳାଫଳରେ ବିରୋଧୀ ଏତେ ପଛରେ ରହୁଛନ୍ତି ଯେ, ନବୀନଙ୍କ ସଫଳତା ଅନ୍ୟମାନଙ୍କ ପାଇଁ ପ୍ରହେଳିକା ପାଲଟିଛି। ଜାତୀୟ ସ୍ତରରେ ନବୀନ ନିଜ ଇମେଜକୁ ଏଭଳି ତିଆରି କରିଛନ୍ତିଯେ, ଅନ୍ୟ ନେତାମାନେ ତାଙ୍କ ଉଦାହରଣ ଦେଉଛନ୍ତି। ଆଜି ସେ ଲମ୍ବା ଭାଷଣ ଦେଉ ନାହାନ୍ତି। କିନ୍ତୁ ତାଙ୍କ ସର୍ଟ ସ୍ୱିଚ୍ କୋଟି କୋଟି ଓଡିଆଙ୍କ ହୃଦୟ ଜିଣିଛି। 'ମୁଁ ନୁହେଁ, ମୋ କାମ କଥା କୁହେ'। ନବୀନଙ୍କ ଏହି ମନ୍ତ୍ର ସତେ ଯେମିତି ଯାଦୁ କରି ଦେଇଛି ଲୋକଙ୍କୁ।

## ସିମ୍ପଲ ଲିଭିଂ, ହାଇ ଥିଙ୍କିଂ

ଧଳା ପାଇଜାମା, କୋହ୍ଲାପୁରୀ ଚପଲ ହଳେ ଆଉ ତା ସାଙ୍ଗକୁ କାଠର ଗୋଟେ ଆରାମ ଚୌକି। ଘରେ ଦୁଇଟି ପୋଷା କୁକୁର ବୁନୋ ଆଉ ରକ୍ସି। ଜଣେ ମୁଖ୍ୟମନ୍ତ୍ରୀଙ୍କ ଯେ ହେଉଛି ଜୀବନଶୈଳୀ। ସକାଳୁ ଉଠିବା ପରେ ବ୍ୟାୟାମରୁ ଆରମ୍ଭ ହୁଏ ନବୀନଙ୍କ ଜୀବନଚର୍ଯ୍ୟା। ସକାଳୁ ଉଠି ନବୀନ ନିବାସ ଗାର୍ଡେନରେ ମର୍ଣ୍ଣିଂ ୱାକ୍ କରିବା ପରେ ନିଜକୁ ଫିଟ୍ ରଖିବାକୁ ପ୍ରତିଦିନ ସେ କିଛି ସମୟ ଘରେ ଥିବା ଜିମ୍‌ରେ ବିତାଇଥାନ୍ତି। ତାଙ୍କର ଖାଇବା ମଧ୍ୟ ବେଶ୍ ସାଧାରଣ ଆଉ ମେନୁ ଏକଦମ୍ ସାଦାସିଧା। ସାଧାରଣ ଜୀବନଯାପନ କରୁଥିବା ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏ ହେଉଛି ଜୀବନଶୈଳୀ। ପାଞ୍ଚ ପାଞ୍ଚଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ତାଙ୍କର ନିରାଡମ୍ବର ଜୀବନଶୈଳୀରେ କୌଣସି ପରିବର୍ତ୍ତନ ଆସିନାହିଁ। ନା କୌଣସି ବିଳାସପୂର୍ଣ୍ଣ ଗାଡି ବ୍ୟବହାର କରନ୍ତି ନା ଦାମୀ ପୋଷାକ ପ୍ରତି ଅଛି ତାଙ୍କର କୌଣସି ରୁଚି। ୧୯୯୭ରେ ରାଜ୍ୟ ରାଜନୀତିରେ ପ୍ରବେଶ କରିଥିଲେ ନବୀନ ଆଉ ସେହି ଦିନରୁ ହିଁ ତାଙ୍କର ଲାଇଫଷ୍ଟାଇଲ ଏଭଳି ଭାବରେ ଚଳିଆସିଛି। ପଲ୍ଲୀରୁ ଦିଲ୍ଲୀ ଯାଏଁ ସବୁଠି ତାଙ୍କର ଏମିତି ସରଳ, ନିରାଡମ୍ବର ଜୀବନଶୈଳୀକୁ ନେଇ ଚର୍ଚ୍ଚା। ସେ ବିରୋଧୀ ହୁଅନ୍ତୁ କିମ୍ବା ତାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱି, ସମସ୍ତେ ନବୀନଙ୍କ ଲାଇଫଷ୍ଟାଇଲକୁ ସମ୍ମାନ ଜଣାଇ ଆସିଛନ୍ତି। ନବୀନଙ୍କ ଲାଇଫ୍ ଷ୍ଟାଇଲ୍, ମଧ୍ୟ ପ୍ରେରଣାର ଉତ୍ସ ପାଲଟିଛି। ସିମ୍ପଲ ଲିଭିଂ, ହାଇ ଥିଙ୍କିଂରେ ବିଶ୍ୱାସ କରୁଥିବା ନବୀନଙ୍କ ସଫଳତା ପଛରେ ତାଙ୍କ ସରଳ ଓ ନିରାଡ଼ମ୍ବର ଜୀବନଶୈଳୀର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୭୫ ବର୍ଷରେ ପଦାର୍ପଣ କରିଛନ୍ତି। ୧୯୯୭ରୁ ରାଜନିତୀରେ ପାଦ ଥାପିଥିବା ନବୀନ ଲଗାତାର ପାଞ୍ଚଥର ଶାସନ ଗାଦିକୁ ଆସି ରାଜ୍ୟବାସୀଙ୍କ ସେବା କରୁଛନ୍ତି। ରାଜନୀତି ଇତିହାସରେ ସ୍ୱତନ୍ତ୍ରତା ରଖୁଥିବା ନବୀନ ପଟ୍ଟନାୟକ ୧୯୪୬ ଅକ୍ଟୋବର ୧୬ରେ ସ୍ୱର୍ଗତଃ ବିଜୁ ପଟ୍ଟନାୟକ ଓ ଜ୍ଞାନ ପଟ୍ଟନାୟକଙ୍କର କନିଷ୍ଠ ପୁତ୍ର ଭାବେ ଜନ୍ମ ନେଇଛନ୍ତି ନବୀନ। କଟକରେ ଜନ୍ମ ହୋଇଥିଲେ ବି ନବୀନ ପଟ୍ଟନାୟକଙ୍କର ସ୍କୁଲ ଶିକ୍ଷାଠାରୁ ଆରମ୍ଭ କରି କଲେଜ ଶିକ୍ଷା ସବୁ ବାହାର ରାଜ୍ୟରେ ହିଁ ଶେଷ ହୋଇଥିଲା। ପ୍ରସିଦ୍ଧ ଓଏଲ୍‌ହମ୍ ଅଏସ୍ ସ୍କୁଲ, ଡେରାଡୁନ୍‌ର ଡୁନ୍ ସ୍କୁଲରେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ ପରେ ସାଲୱାଡ଼୍‌ର ଲରେନ୍ସ ସ୍କୁଲରେ ଶିକ୍ଷା ଲାଭ କରିଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ହିରୋରୀ ମଲ୍ କଲେଜରେ କଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପିଲାଦିନୁ ଆଦୌ ରାଜନୀତିରେ ରୁଚି ରଖୁନଥିବା ନବୀନ, ବିଜୁ ବାବୁଙ୍କ ଅବର୍ତ୍ତମାନ କାଳରେ ନିଜର ବନ୍ଧୁ ଓ ବିଜୁପ୍ରେମୀଙ୍କ ଅନୁରୋଧକୁ ରକ୍ଷା କରି ରାଜନୀତିରେ ପାଦ ଥାପିଥିଲେ। ୧୯୯୭ରେ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ଅଣକଂଗ୍ରେସ ରାଜନୀତି ମଙ୍ଗ ସମ୍ଭାଳିବା କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିଲା। ଏପରି ସମୟରେ ନବୀନ ଅଣକଂଗ୍ରେସ ରାଜନୀତି ମଙ୍ଗ ଧରିବା ପାଇଁ ସବୁକ୍ଷେତ୍ରରୁ ଅନୁରୋଧ ଆସିଥିଲା। ବିଶେଷକରି ନିଜ ମା', ବନ୍ଧୁ ଓ ବିଜୁପ୍ରେମୀଙ୍କ କଥାକୁ ରଖି ୧୯୯୭ରେ ପ୍ରଥମେ ରାଜନୀତିରେ ପାଦ ଦେଲେ, ଆଉ ଆସ୍କା ନିର୍ବାଚନମଣ୍ଡଳୀରେ ସାଂସଦ ଭାବେ ନିର୍ବାଚିତ ହେଲେ। ପରବର୍ତ୍ତି ସମୟରେ ସେ ବିଜୁ ଜନତା ଦଳ ଗଠନ କରି ଏନ୍‌ଡିଏରେ ସାମିଲ ହୋଇଥିଲେ। ନବୀନ ବାବୁ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳରେ ପ୍ରଥମେ ଇସ୍ପାତ୍ ଓ ଖଣି ବିଭାଗ ଦାୟିତ୍ୱ ସମ୍ଭାଳିଥିଲେ। ରାଜନୀତିରେ ନୂଆ କରି ପାଦ ରଖିଥିବା ନବୀନ ଦକ୍ଷତାର ସହ ମନ୍ତ୍ରୀ ପଦ ତୁଲାଇ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଏହା ପରେ ସେ ୨୦୦୦ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ୧୯୯୯ ମହାବାତ୍ୟାରେ ସମଗ୍ର ଉପକୂଳ ଓଡ଼ିଶା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ରାଜ୍ୟର ଆର୍ଥିକ ସ୍ଥିତି ଦେବାଳିଆ ହୋଇଥିଲା। ସରକାରୀ କର୍ମଚାରୀଙ୍କ ଦରମା ପାଇଁ ଓଭରଡ୍ରାଫ୍ କରିବାକୁ ପଡୁଥିଲା। ଏଇଭଳି ଏକ ସଙ୍କଟପୂର୍ଣ୍ଣ ସ୍ଥିତିରେ ରାଜ୍ୟ ଭାର ନେଇ ଏକ ମେଣ୍ଟ ସରକାରକୁ ସଫଳତାର ସହ ସେ ଚଳାଇଥିଲେ। ୨୦୦୦ ନିର୍ବାଚନ ପରଠାରୁ ନବୀନ ଓ ତାଙ୍କ ନେତୃତ୍ୱାଧୀନ ବିଜେଡି କେବେ ପରାଜୟର ସ୍ୱାଦ ଚାଖିନାହାନ୍ତି। ୨୦୦୯ରେ ବିଜେପି ସହ ମେଣ୍ଟ ଭାଙ୍ଗି ତାଙ୍କ ବିଜେଡି ଏକାକୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇ ବିଜେଡି ୧୦୩ ଆସନରେ ବିଜୟ ହୋଇଥିଲା। ୨୦୧୪ରେ ପୂର୍ବ ସଫଳତାକୁ ଅତିକ୍ରମ କରି ୧୧୭ଆସନ ପାଇଥିଲା। ସେହିପରି ୨୦୧୯ରେ ନବୀନ ରାଜ୍ୟରେ କ୍ରମାଗତ ଭାବେ ୫ମଥର ପାଇଁ ସରକାର ଗଠନ କରିଛନ୍ତି।



## ନବୀନଙ୍କ ପାଇଁ କାର୍ଯ୍ୟ ହେଉଛି ସବୁଠୁ ଉତ୍ତମ 'ଯନ୍ତ୍ରଣା ନିବାରକ'

ଦାନ୍ତ ଯନ୍ତ୍ରଣା ସବୁଠାରୁ ଅସହ୍ୟ ଯନ୍ତ୍ରଣା ମଧ୍ୟରୁ ଗୋଟିଏ। ଆଉ ଏହି ଯନ୍ତ୍ରଣା ଅଚାନକ, ଅଘୋଷିତ ଭାବେ ଆସିଥାଏ। ଏହେଉଛି କିଛି ବର୍ଷ ପୂର୍ବର ଘଟଣା। ସକାଳ ପାଖାପାଖି ୯ଟା ହେବ, ହଠାତ୍ ନବୀନ ନିବାସରୁ ଫୋନ ଆସିଲା ଯେ, ମୁଖ୍ୟମନ୍ତ୍ରୀଙ୍କ ଦାନ୍ତରେ ଯନ୍ତ୍ରଣା ହେଉଛି ସେ ଏହାର ଚିକିତ୍ସା ପାଇଁ କ୍ୟାପିଟାଲ ହସପିଟାଲ ଯିବାକୁ ଚାହୁଁଛନ୍ତି। ଆଉ ଏହାପରେ ମୁଁ ପୂରା ପ୍ରସ୍ତୁତ ହୋଇଯାଇଥିଲି ଏବଂ ୧୦.୩୦ଟା ସୁଦ୍ଧା ହସପିଟାଲ ବି ପହଞ୍ଚିବାର ଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ସବୁ ବେଳେ ନିଜ କାମକୁ ବହୁତ ପସନ୍ଦ କରନ୍ତି। ପୂର୍ବ ପ୍ଲାନିଂ ଅନୁସାରେ ୧୧.୩୦ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ କନଫରେନ୍ସ ହଲରେ ଏକ ବୈଠକ ହେବାର ଥିଲା। ଏହା ସହ ସଂଧ୍ୟା ବେଳେ ମଧ୍ୟ ଗୋଟିଏ କାର୍ଯ୍ୟକ୍ରମ ଥିଲା। ଉଭୟ ନିର୍ଧାରିତ କାର୍ଯ୍ୟକ୍ରମ କୁ ଘୁଞ୍ଚାଇ ଦେବାପାଇଁ ମୁଁ ସ୍ଥିର କରିଥିଲି। ତାପରେ ମୁଁ ଅଫିସରେ ପହଞ୍ଚିଲି ଆଉ ପୂର୍ବନିର୍ଧାରିତ ସମୟକୁ ବଦଳାଇବା ଆରମ୍ଭ କରିଦେଇଥିଲି ଭାବିଲି କି RCT ଚିକିତ୍ସା ପରେ ଅତିକମରେ ଜଣେ ଗୋଟିଏ ଦିନର ବିଶ୍ରାମ ଆବଶ୍ୟକ କରିବେ। କାରଣ ସେତେବେଳେ ମୋର କଲେଜ ଜୀବନ କଥା ମନେ ପଡିଲା ଯେତେବେଳେ ଜଉଞ୍ଚ ପରେ ମୁଁ ଦୁଇଦିନ ପାଇଁ କଲେଜ ଯିବା ବନ୍ଦ କରିଥିଲି। ଏକଥା ମନେ ପକାଇବା ବେଳକୁ ମୋତେ ହସ ଲାଗୁଥିଲା। ତେବେ ଠିକ୍ ସେତିକିବେଳେ ମୋ ସୁଖଦ ସ୍ମୃତିରେ ପୂର୍ଣ୍ଣଚ୍ଛେଦ ପଡିଲା ଯେତେବେଳେ ମୋ ପାଖରେ ଖବର ପହଞ୍ଚିଲା ଯେ, ମୁଖ୍ୟମନ୍ତ୍ରୀ RCT କରାଇବା ପରେ କ୍ୟାପିଟାଲ ହସପିଟାଲ ଛାଡି ସଚିବାଳୟ(ଏବେକାର ଲୋକସେବା ଭବନ) ଅଭିମୁଖେ ବାହାରି ଗଲେଣି। ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି ଯେ କେମିତି ଜଣେ ସିଧାସଳଖ ଦନ୍ତ ଚିକିତ୍ସକଙ୍କ ପାଖରୁ ଅଫିସ ଯାଇପାରେ ? ମୋର ସେହି ଦାନ୍ତ ଯନ୍ତ୍ରଣା କଥା ମନେପଡ଼ିଲା କେମିତି ମେଡିକାଲରୁ ଦାନ୍ତ ଅପରେସନ କରାଇ ଫେରିବା ବେଳେ ମୋତେ କେତେ କଷ୍ଟ ହୋଇଥିଲା ଯଦିଓ ସେତେବେଳେ ମୋତେ ମାତ୍ର ୨୦ବର୍ଷ ବୟସ ହୋଇଥିଲା।ଏହାପରେ ହଠାତ୍ ମୋତେ ମୁଖ୍ୟମନ୍ତ୍ରୀଙ୍କ ଫୋନ ଆସିଲା ମୁଖ୍ୟମନ୍ତ୍ରୀ କହିଲେ ଯେ, ଆମକୁ ପୂର୍ବ ପ୍ଲାନିଂ ଅନୁସାରେ ୧୧.୩୦ରେ ବୈଠକକୁ ଯିବାର ଅଛି । ଆଉ ତାପରେ ମୁଁ ସ୍ଥଗିତ ରଖିଥିବା ବୈଠକକୁ ପୁଣି ଡକାଇଥିଲି ଆଉ ବୈଠକରେ ମୁଖ୍ୟମନ୍ତ୍ରୀ ଘଣ୍ଟାଏରୁ ଅଧିକ ସମୟ ବିତାଇ ଥିଲେ। ବୈଠକପରେ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ପଚାରିଥିଲି ଯେ, "ସାର ଆପଣ RCT ଓ ଦନ୍ତ ଯନ୍ତ୍ରଣା ପରେ ଆଜି ସକାଳେ ଆରାମ କରି ପାରିଥାନ୍ତେ" ଯାହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, " ଯଦି ମୁଁ ଯନ୍ତ୍ରଣାକୁ ସହ୍ୟ କରିପାରିବି ତାହାଲେ ସମୟ କାହିଁକି ନଷ୍ଟ କରିବି। ଏମିତି ବି ଲୋକ ଥାଇପାରନ୍ତି ଯେଉଁମାନଙ୍କ ଯନ୍ତ୍ରଣା ଆମଠାରୁ ବହୁତ ଅଧିକ ଥିବ ଆଉ ସେମାନେ ଆମ ସମୟର ଆବଶ୍ୟକତା କରୁଥିବେ। ଏବଂ କାର୍ଯ୍ୟ ହେଉଛି ସବୁଠୁ ଉତ୍ତମ 'ଯନ୍ତ୍ରଣା ନିବାରକ' ମିଷ୍ଟର ପାଣ୍ଡିଆନ"। ଏମିତି କହି ସେ ହସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏ କଥା ଶୁଣି ଆମେ ସବୁ ଚୁପ ହୋଇଯାଇଥିଲୁ। ଆଉ ମୁଖ୍ୟମନ୍ତ୍ରୀ ଏତିକି କହି ନିଜ ଚିରପରିଚିତ ହସ ସହ ସେଠାରୁ ବାହାରି ଯାଇଥିଲେ ।

( କର୍ମକ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଗୋଟିଏ ଦିନର ସ୍ମୃତି କୁ ଏମିତି କିଛି ମନେ ପକାଇଛନ୍ତି ତାଙ୍କ ବ୍ୟକ୍ତିଗତ ସଚିବ ଭି.କେ ପାଣ୍ଡିଆନ )

## ୫-ଟି ଅସ୍ତ୍ର

ପଞ୍ଚମ ପାଳିରେ ନବୀନଙ୍କ ୫-ଟି ଅସ୍ତ୍ର। ସରକାରକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟି କରିବାକୁ ନବୀନ ଆଣିଛନ୍ତି ଏହି ଫର୍ମୁଲା। ଟିମ୍ ଓ୍ୱାର୍କ, ଟେକ୍ନୋଲୋଜି, ଟ୍ରାନ୍ସପାରେନ୍ସି ସହ ସମସ୍ତ କାମକୁ ଟାଇମ୍ ରେ ସାରିଲେ ଓଡିଶାର ଟ୍ରାନସଫର୍ମେସନ ବା ନୂଆ ରୂପ ହେବ । ଏହି ୫-ଟି ମନ୍ତ୍ର ଆଧାରରେ ଏବେ ଚଳଚଞ୍ଚଳ ହୋଇଛି ପ୍ରଶାସନ। ନୂଆ ବିଭାଗ ସୃଷ୍ଟି ହୋଇଛି ଆଉ ଦାଇତ୍ୱରେ ଅଛନ୍ତି ନିଜେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି. କେ. ପାଣ୍ଡିଆନ୍। ଏବେ ପ୍ରଶାସନର ପ୍ରତି ବିଭାଗରେ ୫-ଟି ଫର୍ମୁଲା ଲାଗୁ ହୋଇଛି ଆଉ ବିକାଶର ଝଲକ ଦେଖିବାକୁ ମିଳିଛି। ସରକାରୀ ଚାକିରୀରେ ଥିବା ବାବୁମାନେ କିପରି ଲୋକଙ୍କ ନିକଟରେ ସରକାରୀ ସୁଫଳତା ପହଁଚାଇବାରେ ସଫଳ ହେବେ ସେଥିପାଇଁ ୫-ଟି ବଡ ଆୟୁଧ ପାଲଟିଛି। ଏମିତିକି ୫-ଟି ବ୍ୟବସ୍ଥାରେ ସରକାରୀ ଚାକିରିଆଙ୍କ ଦକ୍ଷତା ମାପିବାକୁ ମଧ୍ୟ ବ୍ୟବସ୍ଥା କରାଯାଇଛି। ବିଭାଗ ଓ ନିଜ କାମରେ ୫-ଟି ଫର୍ମୁଲା ଲାଗୁକରୁଥିବା ସରକାରୀ କର୍ମଚାରୀଙ୍କୁ ପ୍ରମୋସନ ଠାରୁ ବିଦେଶ ଭ୍ରମଣର ସୁଯୋଗ ଦେବା ବ୍ୟବସ୍ଥା କରିଛନ୍ତି ସରକାର। ଲୋକଙ୍କ ପାଖରେ ପ୍ରଶାସନର କାମକୁ ସ୍ୱଚ୍ଛତାର ସହ ପହଂଚାଇବା, ଠିକ୍ ସମୟରେ ସାରିବା ହେଉଛି ୫ଟିର ମୂଳମନ୍ତ୍ର। ୫-ଟି ସଚିବ ଭି.କେ. ପାଣ୍ଡିଆନ ଏ ଦିଗରେ ପୁରା ଫୋକସ୍ଡ ହୋଇ କାମ କରୁଛନ୍ତି। ବିଭିନ୍ନ ହସ୍ପିଟାଲ, ମନ୍ଦିରକୁ ଅଚାନକ ଭ୍ରମଣ କରି ସେଠିକାର ସ୍ଥିତି ଅନୁଧ୍ୟାନ କରି ତୁରନ୍ତ ପ୍ୟାକେଜ ଘୋଷଣା କରିବା ଏବଂ ଏହାକୁ କାର୍ଯ୍ୟାନ୍ୱୟନ କରାଯିବାର ଝଲକ ମିଳିଲାଣି। କଟକ ଏସସିବି ମେଡିକାଲ ଠାରୁ ପୁରୀ ଶ୍ରୀମନ୍ଦିର ଓ ଲିଙ୍ଗରାଜ ମନ୍ଦିର ଏହାର ଗୋଟିଏ ଗୋଟିଏ ଉଦାହରଣ। ୫-ଟି ପାଇଁ ରାଜ୍ୟ ପ୍ରଶାସନ ଯେ ଚଳଚଞ୍ଚଳ ହୋଇଛି ତାହା କହିବାକୁ ହେବ। ଏଥିପାଇଁ ଏବର୍ଷ ବିଧାନସଭାର ବଜେଟ୍ ଅଧିବେଶନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୫-ଟିର ପ୍ରଶଂସା କରି କହିଥିଲେ ଯେ ଏହା ଜରିଆରେ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରାଯାଇଛି ଏବଂ ଏହା ଦ୍ୱାରା ରାଜ୍ୟର ସ୍ୱାସ୍ଥ୍ୟ, ଶିକ୍ଷା ଆଦି କ୍ଷେତ୍ରରେ ଅଧିକ ପ୍ରଗତି ହୋଇପାରିଛି। ସେହିପରି ନୀତି ଆୟୋଗ ମଧ୍ୟ ୫-ଟିକୁ ପ୍ରସଂଶା କରିଛନ୍ତି। ଶ୍ୱଚ୍ଛତା ଓ ସୁଶାସନ ପାଇଁ ଏହା ଏକ ଉତ୍ତମ ମଡେଲ ବୋଲି କହିଛନ୍ତି ନୀତି ଆୟୋଗ।

## ମୋ ସରକାର

ନବୀନଙ୍କ ଶାସନରେ ଅନେକ ଯୋଜନା ହୋଇଛି। କେବଳ ଯୋଜନା ଘୋଷଣା କରି ନୁହେଁ ତାର ବାସ୍ତବତା ସାଧାରଣ ଲୋକଙ୍କ ପାଖରେ ପହଁଚିବା ଉପରେ ବି ସବୁବେଳେ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୫-ଟି କୁ ଉପଯୋଗ କରି ସାଧାରଣ ଲୋକଙ୍କ ପାଖରେ ସରକାରଙ୍କ ଯୋଜନା ପହଞ୍ଚାଇବା ଲାଗି ରାଜ୍ୟରେ କାର୍ଯ୍ୟକରୁଛି ମୋ ସରକାର ଯୋଜନା। ଲୋକଙ୍କ ପାଖରେ ପ୍ରଶାସନ ଓ ସରକାରଙ୍କୁ ଉତ୍ତର ଦାୟୀ କରିବା ଲାଗି ଓଡିଶାର ଏହି ଯୋଜନା ଦେଶରେ ପ୍ରଥମ। ୫-ଟି କୁ ଉପୋଯୋଗ କରି ଲୋକଙ୍କ ଜୀବନ ଧାରଣର ମାନ ବଢାଇବା ଲାଗି ନବୀନ ସରକାରଙ୍କ ସବୁଠୁ ବଳିଷ୍ଠ ପଦକ୍ଷେପ ହେଉଛି ମୋ ସରକାର ଯୋଜନା। ପଞ୍ଚମପାଳିରେ ସରକାରକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ଉପରେ ଗୁରୁତ୍ୱ ଦେଇଛନ୍ତି । ବ୍ୟକ୍ତିଗତ ସଚିବ ଭି କେ ପାଣ୍ଡିଆନଙ୍କୁ ୫-ଟି ସଚିବ ଭାବେ ଦାୟୀତ୍ୱ ଦେଇ ପରେ ପରେ ଆରମ୍ଭ କରିଥିଲେ ମୋ ସରକାର ଯୋଜନା। ୨୦୧୯ ମସିହା ଗାନ୍ଧୀ ଜୟନ୍ତୀରେ ଆରମ୍ଭ ହୋଇଥିଲା ମୋ ସରକାର ଯୋଜନା। ଏକ ସଭାରେ ନବୀନ କହିଥିଲେ, 'ଲୋକମାନେ ହିଁ ପ୍ରକୃତ ସରକାର। ମୋ ସରକାର ହେଉଛି ସେମାନଙ୍କ ସରକାର। ପ୍ରତିଟି ସରକାରୀ କାର୍ଯ୍ୟାଳୟ ନାଗରିକଙ୍କ ଟଙ୍କାରେ ଚାଲୁଛି। ତେଣୁ ଲୋକମାନେ ନିଜ କାମ ପାଇଁ ସରକାରୀ ଅଫିସକୁ ଆସିଲେ କର୍ମଚାରୀମାନେ ସେମାନଙ୍କ ପ୍ରତି ସମ୍ମାନ ଓ ସମ୍ବେଦନା ପ୍ରଦର୍ଶନ କରିବା ଉଚିତ।' ସାଧାରଣ ଲୋକଙ୍କ ପାଖରେ ସରକାରଙ୍କ ଯୋଜନାର ସୁଫଳ ଓ ସେବା ସଠିକ ଭାବେ ପହଁଚାଇବା ଲାଗି ସାରା ଦେଶରେ ମୋ ସରକାର ପରି ଏକ ଭିନ୍ନ ଯୋଜନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲୋକଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ମୁଖ୍ୟମନ୍ତ୍ରୀ ସିଧା ଫୋନ କରିଥିଲେ ଜନତାଙ୍କୁ। ଥାନା ଓ ହସ୍ପିଟାଲରେ ଲୋକଙ୍କୁ ଅଧିକାରୀ କିପରି ବ୍ୟବହାର କରୁଛନ୍ତି। ଥାନାରେ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଉଛି କି ନାହିଁ, ହସ୍ପିଟାଲରେ କିପରି ସେବା ଉପଲବ୍ଧ ହେଉଛି, ମୋଟାମୋଟି ଭାବେ ସରକାରୀ ବ୍ୟବସ୍ଥାକୁ ନେଇ ଲୋକଙ୍କ ଅନୁଭବ ବିଷୟରେ ପଚାରି ବୁଝିଥିଲେ ନିଜେ ମୁଖ୍ୟମନ୍ତ୍ରୀ ନବୀନ। ପରେ ପରେ ୨୦୨୦ ଅକ୍ଟୋବର ୨ରୁ ସରକାରଙ୍କ ସବୁ ବିଭାଗରେ ଲାଗୁ ହୋଇଛି ମୋ ସରକାର ଯୋଜନା। ମୋ ସରକାର ଯୋଜନାକୁ କ୍ରୀୟାଶିଳ କରିବାକୁ ନବୀନ ରାଜ୍ୟର ପ୍ରଶାସନିକ ଅଧିକାରୀଙ୍କ ଠୁ ଆରମ୍ଭ କରି କର୍ମଚାରୀ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ଲୋକଙ୍କ ପାଇଁ କାମ କର। ଭଲ କାମ କଲେ ଆଗୁଆ ପଦନ୍ନୋତି ହେବ ଓ ପ୍ରତିମାସରେ ଭଲ କାମ ପାଇଁ "ମୋ ସରକାର" ପୁରସ୍କାର ମିଳିବ। ଆଉ ଯଦି ଭଲ କାମ ନକରନ୍ତି ସେଥିପାଇଁ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଫାସଫା ଶୁଣାଇଛନ୍ତି ମୁଖ୍ୟମନ୍ତ୍ରୀ। ପଞ୍ଚମ ପାଳିରେ ସରକାରେ ନବୀନ ଆହୁରୀ ଅଧିକ ଲୋକାଭିମୁଖୀ ଯୋଜନା କରିଛନ୍ତି। ନିର୍ଦ୍ଦିଷ୍ଟ ସମୟରେ ଲୋକଙ୍କୁ ସେବା ଯୋଗାଇବା ସହ ଲୋକଙ୍କ ପାଖରେ ଉତ୍ତର ଦାୟୀ ରହିଛନ୍ତି ସରକାର ଓ ପ୍ରଶାସନ। ଏହି ବ୍ୟବସ୍ଥା ନବୀନଙ୍କ ଶାସନରେ ଏକ ନୂଆ ଅଧ୍ୟାୟ ଯୋଡି ହୋଇଛି ଓ ମୁଖ୍ୟମନ୍ତ୍ରୀଙ୍କୁ ଆହୁରୀ ଲୋକପ୍ରିୟ କରିଛି।

## କରୋନା ପରିଚାଳନାରେ ଟପ୍

ବିପର୍ଯ୍ୟୟ ପରିଚାଳନାରେ ସାରା ଦେଶରେ କାହିଁକି ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ବାତ୍ୟା ବନ୍ୟା ଭଳି ବିପର୍ଯ୍ୟୟ ମୁକାବିଲାର ଆଗୁଆ ପ୍ରସ୍ତୁତିରେ ଅଭିଜ୍ଞ ନବୀନଙ୍କ ସଫଳତାର ପର୍ଦ୍ଦ ବେଶ୍ ଲମ୍ବା। ବାତ୍ୟା ଓ ବନ୍ୟା ପୂର୍ବରୁ ଲୋକଙ୍କୁ ଆଗୁଆ ସ୍ଥାନାନ୍ତର କରିବା ହେଉ ବା ପରବର୍ତ୍ତୀ ପରିଚାଳନା ସବୁଥିରେ ବେଶ ଦକ୍ଷତାର ସହ କାମ କରି ସାରା ଦେଶରେ ପ୍ରଶଂସିତ ହୋଇଛନ୍ତି ନବୀନ । ଏବେ ଦୀର୍ଘ ୮ମାସ ଧରି କୋଭିଡ୍ ପରିସ୍ଥିତି ପରିଚାଳନାରେ ଓଡ଼ିଶା କ୍ରମାଗତଭାବେ ଭଲ ପ୍ରଦର୍ଶନ କରିଆସୁଛି । ଏହି କ୍ଷେତ୍ରରେ ଥିବା ସମସ୍ତ ସୂଚକାଙ୍କ ଜାତୀୟ ହାର ଠାରୁ ବହୁତ ଭଲରେ ରହିଛି । କରୋନା ପ୍ରକୋପର ବହୁ ପୂର୍ବରୁ ମହାମାରୀର ମୁକାବିଲା ପାଇଁ ଓଡ଼ିଶାରେ ବ୍ୟାପକ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ପୁଣି ଥରେ ପ୍ରମାଣିତ କରିଛି । ଖାସ୍ ସେଇଥିପାଇଁ ତ ଓଡ଼ିଶା ସରକାରଙ୍କ କୋଭିଡ୍ ପରିଚାଳନାକୁ ନେଇ ବିଶ୍ୱସ୍ତରରେ ପ୍ରଶଂସିତ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ଆଜିକୁ ୮ମାସ ତଳେ ଯେତେବେଳେ ସାରା ବିଶ୍ୱରେ ମହାମାରୀ କରୋନାକୁ ନେଇ ଆତଙ୍କ ସୃଷ୍ଟି ହୋଇଥିଲା । ଯେତେବେଳେ ଏଭଳି ବିପତ୍ତିକୁ ନେଇ ଭୟଭୀତ ଥିଲେ ସାରା ଓଡ଼ିଶାବାସୀ । ଠିକ୍ ସେତିକିବେଳେ କୋଭିଡ୍ ମହାମାରୀର ମୁକାବିଲା ପାଇଁ ମାଇଣ୍ଡସେଟ୍ କରିନେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶାରେ କରୋନା ଦସ୍ତକ୍ ଦେବାର ଢ଼େର ଦିନ ପୂର୍ବରୁ ଏହାର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ ନବୀନ ସରକାର। ପଞ୍ଚାୟତସ୍ତରରେ ସଭା କରି ଲୋକଙ୍କୁ ବାରମ୍ବାର ସାବୁନରେ ହାତଧୋଇବା, ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ନିୟମ ମାନିବା ପାଇଁ ସଚେତନ କରିବା, ୯ମାସ ପାଇଁ ମାସ୍କ ଓ ଔଷଧ ମହଜୁଦ୍ ରଖିବା, ଅଫିସରେ ବାୟୋ ମେଟ୍ରିକ୍ ଉପସ୍ଥାନକୁ କୋହଳ କରିବା, ମନ୍ତ୍ରୀ, ସଚିବଙ୍କ ବିଦେଶଗସ୍ତ ଉପରେ ରୋକ୍ ଲଗାଇବା, କରୋନା ନେଇ ସଚେତନତା ସୃଷ୍ଟି କରିବାକୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦେବା, ସ୍କୁଲ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ପିଲାମାନଙ୍କ ପାଇଁ ନିୟମିତ ହାତଧୋଇବା ବ୍ୟବସ୍ଥା କରିବା ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ ରାଜ୍ୟ ସରକାର । ଓଡ଼ିଶାର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଆକ୍ରାନ୍ତଙ୍କ ଚିକିତ୍ସା କଥା ବି ଚିନ୍ତା କରିଥିଲେ ମୁଖ୍ୟମନ୍ତ୍ରୀ। ଦେଶରେ ପ୍ରଥମ ରାଜ୍ୟ ଭାବେ ମାତ୍ର ଏକ ସପ୍ତାହ ଭିତରେ ଏକ ହଜାର ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା କରିଥିଲା ଓଡ଼ିଶା। ସମସ୍ତ ୩୦ ଜିଲ୍ଲାରେ ଡିସଟ୍ରିକ୍ଟ କୋଭିଡ୍ ହସ୍ପିଟାଲ ଖୋଲିବା ଲକ୍ଷ୍ୟ ନେଇ ଆଗକୁ ବଢ଼ିଥିଲେ ସରକାର। ରାଜ୍ୟ ସରକାରଙ୍କ ଫାଇଭ୍ ଟି ସଚିବ ଭି.କାର୍ତ୍ତିକେୟନ୍ ପାଣ୍ଡିଆନ୍‌ଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଖୁବ୍ କମ୍ ସମୟ ଭିତରେ ଏସବୁ କିଛି ସମ୍ଭବ ହୋଇପାରିଥିଲା। ସେପଟେ ସାରା ଦେଶରେ କରୋନା ସଂକ୍ରମଣ ବଢୁଥିବା ବେଳେ ପ୍ରବାସୀଙ୍କୁ ନେଇ ଚିନ୍ତାରେ ଥିଲେ ବିଭିନ୍ନ ରାଜ୍ୟ। ଏଭଳି ସମୟରେ ପ୍ରବାସୀଙ୍କୁ ନିଜ ରାଜ୍ୟକୁ ଫେରାଇ ଆଣି ସେମାନଙ୍କ ପାଇଁ ଆଦର୍ଶ ସାଜିଥିଲେ ଓଡ଼ିଶା ସରକାର। ପ୍ରବାସୀଙ୍କୁ ସଙ୍ଗରୋଧରେ ରଖି ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇବା ସହ ସରପଞ୍ଚମାନଙ୍କୁ ଜିଲ୍ଲାପାଳ କ୍ଷମତା ଦେଇଥିଲେ ରାଜ୍ୟ ସରକାର। ପ୍ଲାଜମା ବ୍ୟାଙ୍କ ପ୍ରତିଷ୍ଠା କରିଥିଲେ ମୁଖ୍ୟମନ୍ତ୍ରୀ। ଫଳରେ ଗୁରୁତର ରୋଗୀଙ୍କ କ୍ଷେତ୍ରରେ ପ୍ଲାଜମା ଥେରାପିକୁ ମିଳିଥିଲା ବଡ଼ ସଫଳତା।